Asian School of Business Management

**NEW PAPER:** Samaja

**DATE:** 11.08.2018

**PAGE:** 13

ସମାଜ
The Samaja

# ଏଏସ୍‌ବିଏମ୍‌ର ପ୍ରତିଷ୍ଠା ଦିବସ

ଭୁବନେଶ୍ବର, ୧୦।୮ (ଭୁ.ପ୍ର): ଏସିଆନ ସ୍କୁଲ ଅଫ୍ ବିଜିନେସ୍ ମ୍ୟାନେଜମେଣ୍ଟର ୧୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଉତ୍କଳ ବିଶ୍ବବିଦ୍ୟାଳୟର କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନବଶାସ୍ତ୍ର; ମାନବର ବିକାଶ, ସମାଜ ସଂସ୍କୃତି ସମ୍ପର୍କରେ କହିଥିଲେ । ଇଥୋନୋଗ୍ରାଫି ଆଣ୍ଡ ଦ କର୍ପୋରେଟ୍ ଏନକାଉଣ୍ଟର ବିଷୟରେ ସେ କହିଥିଲେ ଯେ ଏହା ହେଉଛି କୌଣସି ଗୋଷ୍ଠୀର ସାହିତ୍ୟ, କଳାର



ସାଇତି ରଖାଯାଇଥିବା ତଥ୍ୟ ବା ପ୍ରମାଣ । ନିର୍ଦ୍ଦିଷ୍ଟ ଲୋକ ବା ଗୋଷ୍ଠୀର ସାମାଜିକ ରୀତି ଓ ସଭ୍ୟତା ହେଉଛି ଇଥୋନୋଗ୍ରାଫି ।

ଏଏସ୍‌ବିଏମ୍‌ର ପ୍ରତିଷ୍ଠାତା ଏବଂ ନିର୍ଦ୍ଦେଶକ ପ୍ରଫେସର ଡ. ବିଶ୍ବଜିତ ପଟ୍ଟନାୟକ ସ୍ମରଣିକା ଅତିଥିଙ୍କୁ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ଡିନ୍ ପ୍ରଫେସର ଡ. କଲ୍ୟାଣ ଶଙ୍କର ରାୟ ସ୍ବାଗତ ଭାଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏଏସ୍‌ବିଏମ୍‌ର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ଥିଲେ ।